# Akashvani, Sambalpur

## SAMBALPURI NEWS BULLETIN

### 9 December 2025 – 6.47- 6.52 am.

*********************************************

ବିଧାନ୍‌ସଭା ଅତିରିକ୍ତ ବ୍ୟୟବରାଦ୍ ବିଲ୍       ବିଧାନ୍‌ସଭା

ବିଧାନ୍‌ସଭା ନ ଗଲାକାଏଲ୍ ଇ ଆର୍ଥିକ୍ ବଛର୍ ଲାଗି ୧୭ ହଜାର୍ ୪ ଶହ ୪୦ କୋଟି ଟଙ୍କାର୍ ଅତିରିକ୍ତ ବ୍ୟୟବରାଦ୍ ବିଲ୍ ଗୃହିତ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଲ୍‌କେ ଗୃହ ନ ଉପସ୍ଥାପନ୍ କଲା ଉତ୍‌ରୁ ତାର୍ ଉପ୍‌ରେ ବିସ୍ତୃତ୍ ଆଲୋଚନା ହେଇଥିଲା । ଆଲୋଚନାଥି ଭାଗ୍ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ୨୦୩୬ ମସିହାତକ୍ ଦେଶର୍ ଶ୍ରେଷ୍ଠ ୫ ଟା ରାଜ୍ୟ ଭିତ୍‌ରେ ଓଡ଼ିଶା ରହେବା । ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍ ଲକ୍ଷ୍ୟ ହାସଲ୍ ଲାଗି ଭିତିଭୂମି ନିର୍ମାଣ ଆଉ ରୋଜ୍‌ଗାର୍ ସୃଷ୍ଟିକେ ପ୍ରାଥମିକତା ଦିଆଯାଉଛେ । ମିଶନ୍ ପାୱାର୍ ଜରିଏ ୨ ବଛର୍ ଭିତ୍‌ରେ ସବୁ ଗାଁକେ ରାସ୍ତା, ସଫା ପିଇବାର୍ ପାଏନ୍, ବିଜ୍‌ଲି ଯୁଗେଇ ଦିଆଯିବା । ଭିନ୍ ଭିନ୍ କୃଷକ୍ କଲ୍ୟାଣ୍ ଯୋଜ୍‌ନାର୍ ବଳେ ଚାଷୀ ପରିବାର୍‌କେ ବଛର୍‌କ ୫୮ ହଜାର୍ ଟଙ୍କା ସାହାଜ୍ ଯୁଗେଇ ଦିଆଯାଉଛେ ।

କଟକ୍ ବାର୍ବାଟୀ - ଟି-ଟ୍ୱେଂଟି ଆର୍ଏନ୍ୟୁ/ ସମ୍ବଲପୁର

କଟକ୍ ବାର୍ବାଟୀ ଷ୍ଟାଡ଼ିୟମ୍ ନ ଆଏଜ୍ ସଞ୍ଜ୍ବେଲର୍ ୭ ବଜେ ଭାରତ୍ ଆଉ ଦକ୍ଷିଣ୍ ଆଫ୍ରିକା ଭିତ୍ରେ ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ଖେଲାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍ଘାଟନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲ୍ ମୁଲ୍ କର୍ବେ । ବାରବାଟୀ ଷ୍ଟାଡ଼ିୟମ୍ ନ ଇଥର ୪୨ ହଜାର୍ ଦର୍ଶକ୍ ବସିକରି ମେଚ୍ ଦେଖି୍ବେ । କ୍ରିକେଟ୍ ମେଚ୍କେ ନେଇକରି କମିଶନରେଟ୍ ପୁଲିସ୍ ତର୍ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇଥି୍ର୍ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଆଉ ୩ ଶହ ପୁଲିସ୍ ଅଧି୍କାରୀ ନିୟୋଜିତ ହେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପି.ଆଇ.ବି.

ଅଷ୍ଟ୍ରେଲିଆ ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ ଖୋବ୍ ଜଲ୍ଦି ଭାରତ୍ ନ ତାର୍ କେମ୍ପସ୍ ଖୁଲ୍ବାର୍କେ ଯାଉଛେ । ଇତାକେ ନେଇକରି ଗଲାକାଏଲ୍ ନୂଆଦିଲ୍ଲୀ ନ ଭାରତ୍ - ଅଷ୍ଟ୍ରେଲିଆ ଶିକ୍ଷା ଆଉ ଦକ୍ଷତା ପରିଷଦ୍ର ୩ ନମ୍ବର୍ ବୈଠକ୍ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ଅଷ୍ଟ୍ରେଲିଆର୍ ଶିକ୍ଷାମନ୍ତ୍ରୀ ଜେସମ୍ କ୍ଲେର୍ ଙ୍କର୍ ଉପସ୍ଥିତିଥି ହେଇଥି୍ବା ଦୁହି ଦେଶର୍ ପ୍ରତିନିଧି୍ ମଣ୍ଡଳୀର୍ ବୈଠକ୍ଥି ଦୁହି ଭାରତ୍-ଅଷ୍ଟ୍ରେଲିଆ ଭିତ୍ରେ

ଶିକ୍ଷା, ଦକ୍ଷତା ଆଉ ଗବେଷଣା କ୍ଷେତ୍ରଥି ଭାଗିଦାରୀ ବାବ୍‌ଦେ ଆଲୋଚନା କରାଯାଇଥିଲା । ଶିକ୍ଷା ଆଉ ଗବେଷଣା କ୍ଷେତ୍ରଥି ଦୁହି ଦେଶର୍ ଭାଗିଦାରୀଥି ଇ ପଦକ୍ଷେପ୍ ଗୁଟେ ନୂଆଁ ଅଧ୍ୟାୟ ଜୁଡ୍‌ବା ବଲି ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ସୂଚନା ଆୟୋଗ I&PR

ଗଲା ୭ ମାସ୍ ଭିତ୍‌ରେ ଓଡ଼ିଶା ସୂଚନା ଆୟୋଗ୍‌ର ବିଚାରାଧୀନ୍ ଆବେଦନ୍ ଆଉ ଅଭିଯୋଗ୍ ମାନ୍‌କର୍ ସଂଖ୍ୟା ୨୨ ହଜାର୍ ୬ ଶହ ୧୧ ନୁ ୧୪ ହଜାର୍‌କେ କମିଛେ । ଗଲା ଏପ୍ରିଲ୍ ମାସେ ରାଜ୍ୟ ସର୍‌କାର୍ ମୁଖ୍ୟ ସୂଚନା ଆୟୋଗଙ୍କର୍ ସହେତେ ୪ ଝନ୍ ଅତିରିକ୍ତ ସୂଚନା ଆୟୋଗଙ୍କୁଁ ନିଯୁକ୍ତି ଦେଇଛନ୍ । ଇଥିର୍‌ଲାଗି ଶୁଣାଣି ପ୍ରକ୍ରିୟା ତୁର୍‌ତି ହେଇପାରିଛେ । ଆୟୋଗ୍ ତର୍‌ଫୁ ମାମ୍‌ଲାମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ଗୁଟେ ଖାସ୍ ଅଭିଯାନ୍ ଭିଲ୍ ମୁଲ୍ କରାଯାଇଛେ ବଲି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ସୂଚ୍‌ନା ଦେଇଛନ୍ ।

ନୋଟାରୀ ଅଟୋମେସନ୍ ପୋର୍ଟାଲ I&PR

ନୋଟାରୀ ପରିଚାଲନା ବ୍ୟବସ୍ଥାକେ ସହଜ୍ ଆଉ ସରଲ୍ କର୍‌ବାର୍ ଲକ୍ଷ୍ୟଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ ଗଲାକାଏଲ୍ ନୋଟାରୀ ଅଟୋମେସନ୍ ପୋର୍ଟାଲ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଇ ପୋର୍ଟାଲ୍‌ଥି ନୋଟାରୀମାନ୍‌କର୍ ନିଯୁକ୍ତି, ପଞ୍ଜିକରଣ୍, ଦିନ୍‌କିଆ ନଥିପତ୍ର ଅପ୍‌ଲୋଡ୍ କାର୍ଯ୍ୟ ବିବରଣୀ ବାଗିର୍ କାମ୍ ଅନ୍‌ଲାଇନ୍ ଜରିଏ କରାଯାଇପାର୍‌ବା । ଇଥିର୍‌ଲାଗି ସମିଆ ବଂଚ୍‌ବାର୍ ସହେତେ ଆଇନ୍ ପ୍ରକ୍ରିୟାଥି ସ୍ୱଚ୍ଛତା ଆସିପାର୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଜାତୀୟ ହସ୍ତଶିଳ୍ପ ସପ୍ତାହ ପୁରୀ ସମ୍ବାଦଦାତା

ଆମର୍ ହସ୍ତଶିଳ୍ପ ଆମର୍ ଅସ୍ମିତା ଆଉ ଗୌରବ୍‌ର ପ୍ରତିଫଳନ୍ ଆଏ ବଲି ହସ୍ତତନ୍ତ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ପୁରୀ ଜିଲ୍ଲାର୍ କୋଣାର୍କ ଅର୍ବାନ୍ ହାଟ ନ ଗଲାକାଏଲ୍ ଜାତୀୟ ହସ୍ତଶିଳ୍ପ ସପ୍ତାହକେ ଉଦ୍‌ଘାଟନ୍ କରିକରି ସେ ଇଟା କହିଛନ୍ । ହପ୍ତେତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ୬୭ ଟା ଷ୍ଟଲ୍ କରାଯାଇଛେ ।

ସର୍‌ଫଂଚ୍ - ଓଡ଼ିଆ ଭାଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ସର୍‌ପଂଚ୍ ହେବାର୍ ଲାଗି ଝନେ ପ୍ରାର୍ଥୀକେ ଓଡ଼ିଆ ପଢ଼ି ଆଉ ଲେଖି ଜାନ୍‌ବାର୍ ଜରୁରୀ ଆଏ ବଲି ଓଡ଼ିଶା ହାଇକୋର୍ଟ ଗଲାକାଏଲ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ରାୟଥି କହିଛନ୍ । ଯଦି ଝନେ ସର୍‌ପଂଚ୍ ଓଡ଼ିଆ ପଢ଼ି କି ଲେଖି ନାଇଁ ଜାନୁଥିବେ, ଦାୟିତ୍ୱ କେନ୍ତା କରି ତୁଲାବେ ବଲି ଗୁଟେ ମାମ୍‌ଲାର୍ ଶୁଣାଣି କରିକରି ହାଇକୋର୍ଟ ପ୍ରଶ୍ନ କରିଛନ୍ ।

ସ୍ମାର୍ଟ ଇଣ୍ଡିଆ ହାକାଥନ୍-ଭିସୁଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ - ଭିସୁଟ୍ ନ ଗଲାକାଏଲ୍ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୫ ସଫ୍ଟୱେର୍ ସଂସ୍କରଣ୍‌ର ଚୂଡ଼ାନ୍ତ ପର୍ଯ୍ୟାୟ ଉଦ୍‌ଘାଟିତ୍ ହେଇଯାଇଛେ । ୨ ଦିନିଆ କାର୍ଯ୍ୟକ୍ରମ୍‌ଥି ଦେଶର୍ ଯୁବ ମେଧାବୀମାନେ ବ୍ୟବହାରିକ୍ ସମସ୍ୟାର୍ ପ୍ରଯୁକ୍ତିଭିତିକ ସମାଧାନ୍‌ର ଉନ୍ନତି କର୍‌ବାର୍ ଦିଗେ ଇଥି କାମ୍ କର୍‌ବେ । ଇଥି ଦେଶର୍ ଭିନ୍ ଭିନ୍ ଇଲାକାନୁ ୨୦ ଟା ଦଲ୍ ଭାଗ୍ ନେଇଛନ୍ । ଇ ଦଲ୍‌ମାନେ ୩୬ ଘଂଟା କାମ୍ କରିକରି ବ୍ୟବହାରିକ୍ ପ୍ରୋଟୋଟାଇପ୍‌ର ବିକାଶ୍ କର୍‌ବେ ।

ଦାଦନ୍ ଶ୍ରମିକ୍ ଉଦ୍ଧାର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ ତର୍ଫୁ ଖଡ଼ିଆଲ୍ ବସ୍ଷ୍ଟେଣ୍ଡ୍ ନ ୧୫ ଝନ୍ ଦାଦନ୍ ଶ୍ରମିକ ଆଉ ୨ ଝନ୍ ଛୁଆଙ୍କୁ ଚାଲାଣ୍ ବେଲେ ଉଦ୍ଧାର୍ କରାଯାଇଛେ । ଶ୍ରମିକ୍ମାନ୍କୁ ଚାଲାଣ୍ କରୁଥିବା ଝନେ ମଧସ୍ଥିକେ ଭିଲ୍ ଗିରଫ୍ କରାଯାଇଛେ । ଶ୍ରମିକ୍ମାନ୍କର୍ ଯାଂଚ୍ କର୍ବାର୍ ଉତ୍ରୁ ଶ୍ରମ ବିଭାଗ୍ ସହେତେ ମିଶିକରି ସମ୍କୁ ତାଙ୍କର୍ ଘର୍ମାନ୍କୁ ପଠେଇ ଦିଆଯାଇଛେ । ଦାଦନ୍ ଶ୍ରମିକ୍ମାନେ ବର୍ଗଡ଼୍ ଜିଲ୍ଲା ପାଇକ୍ମାଲ୍ ଇଲାକାର୍ ବଲି ଜନାପଡ଼ିଛେ । ୨ ଝନ୍ ମଧସ୍ଥି ସେମାନ୍କୁ ପାଇକ୍ମାଲ୍ନୁ ଆନ୍ଧ୍ରପ୍ରଦେଶ୍ ଚାଲାଣ୍ କରୁଥିବାର୍ ବେଲେ ପୁଲିସ୍ ଧରିଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଶୁଖା ଥଣ୍ଡା ପବନ୍ ଆସୁଥିବାର୍ନୁ ରାତିର୍ ତାପମାତ୍ରା କମ୍ ହେବାର୍କେ ଲାଗିଛେ । ଆଏବା ୨୪ ଘଂଟା ଭିତ୍ରେ ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍ ଆର୍ ଅନୁଗୁଲ୍ ନ ଜବର୍ ଥଣ୍ଡା ହେବା । ସୁନ୍ଦର୍ଗଡ଼୍ ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ଆଉ କୋରାପୁଟ୍ ନ ହାଲ୍କା ନୁ ମଧମ୍ ଧରଣ୍ର କୁହୁଡ଼ି ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।